# ମା' ତାରିଣୀ ଠାକୁରାଣୀ ମନ୍ଦିର ଟ୍ରଷ୍ଟ
## ଘଟଗାଁ, କେନ୍ଦୁଝର

### ଟେଣ୍ଡର ନିୟମାବଳୀ ୨୦୧୮-୧୯

୧- ଓଡିଶା ହିନ୍ଦୁ ଦେବୋତ୍ତର ଆଇନ ଅନୁଯାୟୀ ମନ୍ଦିରରେ ନିଯୁକ୍ତ ଥିବା ସଦସ୍ୟଙ୍କ ଆତ୍ମୀୟ/ସଂପର୍କୀୟ/ଉତ୍ତରାଧିକାରୀ ଏହି ଟେଣ୍ଡରରେ ଅଂଶଗ୍ରହଣ କରିପାରିବେ ନାହିଁ ।

୨- ଅମାନତ ରାଶି ଦେୟ "ମା' ତାରିଣୀ ଠାକୁରାଣୀ, ଘଟଗାଁ" ଙ୍କ ନାମେ ବ୍ୟାଙ୍କଡ୍ରାଫ୍ଟ କରି ଟେଣ୍ଡରରେ ଅଂଶଗ୍ରହଣ କରିପାରିବେ । ବ୍ୟାଙ୍କଡ୍ରାଫ୍ଟ ପଛପାର୍ଶ୍ୱରେ ଆବେଦନକାରୀ ପୂରା ଦସ୍ତଖତ କରିବେ । ଗୋଟିଏ ବିଭାଗ ପାଇଁ ଗୋଟିଏ ଆବେଦନ ଫର୍ମ ଓ ଗୋଟିଏ ବ୍ୟାଙ୍କଡ୍ରାଫ୍ଟ ଦେବେ । ଯାହାଙ୍କ ନାମେ ଟେଣ୍ଡର ସ୍ଥିର ହେବ ଟେଣ୍ଡର ଅବଧି ସମାପ୍ତ ପରେ ମନ୍ଦିର କର୍ତ୍ତୃପକ୍ଷଙ୍କ ଠାରୁ ସେ ନୋ ଅବ୍‌ଜେକ୍‌ସନ ସାର୍ଟିଫିକେଟ୍ ପ୍ରାପ୍ତ କରି ତାଙ୍କର ଅମାନତ ରାଶି ଫେରସ୍ତ ପାଇବେ । ପୂର୍ବରୁ ଦାଖଲ କରିଥିବା ଅମାନତ ରାଶି ଏହି ଟେଣ୍ଡର ପ୍ରକ୍ରିୟାରେ ଆଡଜଷ୍ଟମେଣ୍ଟ ହେବ ନାହିଁ ।

୩- ଯାହାଙ୍କ ନାମେ ଟେଣ୍ଡର ଆଦେଶ ସ୍ଥିର ହେବ ସେ ଟେଣ୍ଡର ଚୂଡାନ୍ତ ହେବା ଦିନ ଠାରୁ ୩(ତିନି) ଦିନ ମଧ୍ୟରେ ସ୍ଥାନୀୟ ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍‌ଙ୍କ ଠାରୁ ଏକ ଚୁକ୍ତିନାମା ଆଫିଡେଭିଟ୍ କରି ଅତ୍ର କାର୍ଯ୍ୟାଳୟରେ ପ୍ରଦାନ କରିବେ ତାପରେ କାର୍ଯ୍ୟାଦେଶ ପ୍ରଦାନ କରାଯିବ ।

୪- ମନ୍ଦିର ବିରୁଦ୍ଧରେ ଆଇନର ଆଶ୍ରୟ ନେଇଥିବା ବ୍ୟକ୍ତି ଏହି ଟେଣ୍ଡରରେ ଅଂଶଗ୍ରହଣ କରିପାରିବେ ନାହିଁ ।

୫- କୌଣସି ଦୈବି ଦୁର୍ବିପାକ ଜନିତ କ୍ଷୟକ୍ଷତି ପାଇଁ ଟ୍ରଷ୍ଟ ବୋର୍ଡ ଦାୟୀ ରହିବେ ନାହିଁ । ଏଣୁ ଆବେଦନକାରୀ ଟେଣ୍ଟ, ଲାଇଟ୍, ମାଇକ୍ ଇତ୍ୟାଦିର ଇନ୍‌ସ୍ୟୁରାନ୍ସ କରିଥିବା ଆବଶ୍ୟକ ।

୬- କାର୍ଯ୍ୟାଦେଶ ପ୍ରାପ୍ତ କରିଥିବା ବ୍ୟକ୍ତି ଚଇତି ପର୍ବ ଶେଷ ଦିନରୁ ୭(ସାତ)ଦିନ ମଧ୍ୟରେ ସମସ୍ତ ଜିନିଷକୁ ଉଠାଇ ନେଇ ମନ୍ଦିର ପରିସରକୁ ଖାଲି କରିବେ ନଚେତ୍ ଗାଡି ପାର୍କିଂ ଜନିତ କ୍ଷତି ତାଙ୍କ ସିକ୍ୟୁରିଟି ଅର୍ଥରୁ ଭରଣା କରାଯିବ । ନିର୍ଦ୍ଧାରିତ ସମୟ ସୁଦ୍ଧା ସମସ୍ତ ଜିନିଷ ଖାଲି କରିବା ପରେ ସିକ୍ୟୁରିଟି ଅର୍ଥ ଫେରସ୍ତ ପାଇଁ ଆବେଦନ କରିବେ ।

୭ – ଡେଜରାତି ସାମଗ୍ରୀ ବ୍ୟବସାୟ ପାଇଁ Sale Tax ବିଭାଗରୁ ପ୍ରାପ୍ତ ସାର୍ଟିଫିକେଟ୍ ପ୍ରଦାନ କରିବେ ।

୮ – ସିଦ୍ଧାନ୍ତ ହୋଇଥିବା ଡେଜରାତି ସାମଗ୍ରୀ ଗୁଡିକର ଟେଣ୍ଡର ମୂଲ୍ୟ ପ୍ରତି ତିନି ମାସରେ ଥରେ ବଜାର ମୂଲ୍ୟକୁ ତଦାରଖ କରି ନବୀକରଣ କରାଯିବ । ଯାହାଙ୍କ ନାମେ ଟେଣ୍ଡର ଆଦେଶ ସ୍ଥିର ହେବ ସେ ମୂଲ୍ୟ ତାଲିକା ଅନୁଯାୟୀ ସମସ୍ତ ସାମଗ୍ରୀର ନମୁନା ଟ୍ରଷ୍ଟ କାର୍ଯ୍ୟାଳୟରେ ପ୍ରଦାନ କରିବେ ।

୯- ସିକ୍ୟୁରିଟି ଏଜେନ୍ସି ପାଇଁ ଟେଣ୍ଡର ଆବେଦନକାରୀ ଯେଉଁମାନଙ୍କୁ ସିକ୍ୟୁରିଟି କାର୍ଯ୍ୟ ପାଇଁ ରଖିବେ ସେମାନଙ୍କର ଶିକ୍ଷାଗତ ଯୋଗ୍ୟତା, ଜାତିଗତ ପ୍ରମାଣପତ୍ର, ବନ୍ଧୁକ ଲାଇସେନ୍ସ ଓ ଫଟୋ ପରିଚୟ ପତ୍ରର ଜେରକ୍ସ କପି ପ୍ରଦାନ କରିବେ । ଏହି କାର୍ଯ୍ୟରେ ନିୟୋଜିତ ବ୍ୟକ୍ତି ପାନ, ତମାଖୁ, ଗୁଟ୍‌ଖା, ଖଇନି ଓ କୌଣସି ପ୍ରକାର ନିଶାଦ୍ରବ୍ୟ ସେବନ କରୁନଥିବେ, ଶରୀର ସୁସ୍ଥବାନ ହେବା ସହିତ ସଂକ୍ରମିତ ରୋଗର ଆକ୍ରାନ୍ତ ହୋଇନଥିବାର ଡାକ୍ତରୀ ସାର୍ଟିଫିକେଟ ପ୍ରଦାନ କରିବେ । ଟେଣ୍ଡର ଅବଧି ପୂର୍ବରୁ ଏ ସମସ୍ତ କାଗଜ ପତ୍ର ମନ୍ଦିର ଟ୍ରଷ୍ଟ କାର୍ଯ୍ୟାଳୟରେ ଦାଖଲ କରିବେ । ଏଥିରେ ଖିଲାପ କଲେ ଟେଣ୍ଡର ନାକଚ କରାଯାଇ ସିକ୍ୟୁରିଟି ଅର୍ଥ ବ୍ୟାଜାପ୍ତି କରାଯିବା ସହିତ ଥାନାରେ ଏତଲା ରୁଜୁ କରାଯିବ ।

୧୦- ସିକ୍ୟୁରିଟି ଏଜେନ୍ସି ପାଇଁ ସରକାରଙ୍କ କ୍ଷମତାପ୍ରାପ୍ତ ବିଭାଗଦ୍ୱାରା ପଞ୍ଜିକୃତ ହୋଇଥିବା ସାର୍ଟିଫିକେଟ୍, ଇ.ପି.ଏଫ୍., ଓ ଇ.ଏସ୍.ଆଇ. ଇତ୍ୟାଦି ପଞ୍ଜିକରଣର ଜେରକ୍ସ କପି ଆବେଦନ ସମୟରେ ସଂଯୋଗ କରିବେ ଓ ଟେଣ୍ଡର ଖୋଲାହେବା ସମୟରେ ଅରିଜିନାଲ ଦର୍ଶାଇବେ ନଚେତ୍ ଟେଣ୍ଡର ନାକଚ ହେବ । ଟେଣ୍ଡରରେ ଭାଗ ନେବା ସଂସ୍ଥା ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ହୋଇଥିବା ଆବଶ୍ୟକ । ଗାର୍ଡମାନେ ଗୋଟିଏ ସିଫ୍ଟ (୮ ଘଣ୍ଟା) ରୁ ଅଧିକ ସମୟ କାର୍ଯ୍ୟ କରିବେ ନାହିଁ । ସେହି ଅନୁସାରେ ମାସିକ ମୂଲ୍ୟ ଲେଖିବେ ।

୧୧- ସମସ୍ତ ଗାର୍ଡମାନଙ୍କର ବୟସ ୩୦ରୁ ୪୦ବର୍ଷ ମଧରେ ହେବା ସହିତ ଶିକ୍ଷାଗତ ଯୋଗ୍ୟତା ମାଟ୍ରିକ୍ ପାସ୍ ବା ତଦୁର୍ଦ୍ଧ୍ୱ ହୋଇଥିବା ଆବଶ୍ୟକ ।

୧୨- ସିକ୍ୟୁରିଟି ଏଜେନ୍ସି ଟେଣ୍ଡରଧାରୀ ଗାର୍ଡମାନଙ୍କର ରହିବା ପାଇଁ ଘର, ୟୁନିଫର୍ମ ଓ ରାତ୍ରି ବ୍ୟବହାର ପାଇଁ ଟର୍ଚ୍ଚ ବ୍ୟବସ୍ଥା କରିବେ । ମନ୍ଦିର ତରଫରୁ କେବଳ ବ୍ୟାଟେରୀ ଯୋଗାଇ ଦିଆଯିବ ।

୧୩- ସିକ୍ୟୁରିଟି ସଂସ୍ଥା କୌଣସି ଧର୍ମାନୁଷ୍ଠାନରେ କାର୍ଯ୍ୟ କରିଥିବାର ଅଭିଜ୍ଞତା ପ୍ରମାଣପତ୍ର ଉକ୍ତ ସଂସ୍ଥାର ମୁଖ୍ୟଙ୍କ ନିକଟରୁ ଆଣି ଆବେଦନ ଫର୍ମ ସହିତ ଦେବେ ।

୧୪- ସମସ୍ତ ଗାର୍ଡ ହିନ୍ଦୁ ସଂପ୍ରଦାୟର ଓ ନିଜ ଜିଲ୍ଲା କିମ୍ବା ପଡୋଶୀ ଜିଲ୍ଲାର ହେବା ଆବଶ୍ୟକ । ଗାର୍ଡ ମାନଙ୍କର କାର୍ଯ୍ୟ ଦକ୍ଷତା ସନ୍ତୋଷ ଜନକ ନ ହେଲେ ଟ୍ରଷ୍ଟବୋର୍ଡ ଏହି ଟେଣ୍ଡର ନାକଚ ବା ପରିବର୍ତ୍ତନ କରିପାରିବେ ।

୧୫ – ପୁରୁଣା ଜିନିଷର ପ୍ରସ୍ତାବିତ ମୂଲ୍ୟଠାରୁ ଟେଣ୍ଡର ମୂଲ୍ୟ ଅଧିକ ନହେଲେ ତାହା ନାକଚ ହେବ । ଯାହାଙ୍କ ନାମେ ପୁରୁଣା ଜିନିଷ ଚୂଡାନ୍ତ ହେବ ସେ ତିନି(୩) ଦିନ ମଧ୍ୟରେ ନଗଦ ଅର୍ଥ ଦାଖଲ କରି ଜିନିଷ ଗୁଡିକ ଗ୍ରହଣ କରିବେ ।

୧୬- ଟ୍ରଷ୍ଟ ବୋର୍ଡର ନିଷ୍ପତ୍ତି ଚୂଡାନ୍ତ ନିଷ୍ପତ୍ତି । ଟ୍ରଷ୍ଟ ବୋର୍ଡ ଚାହିଁଲେ ବିନା କୌଣସି କାରଣରେ ଏହି ଟେଣ୍ଡର ନାକଚ ବା ପରିବର୍ତ୍ତନ କରିପାରିବେ ।

PRESIDENT
MAA TARINI THAKURANI TEMPLE TRUST
GHATGAON, KEONJHAR

କାର୍ଯ୍ୟନିର୍ବାହୀ ଅଧିକାରୀ
ମା' ତାରିଣୀ ଠାକୁରାଣୀ ମନ୍ଦିର ଟ୍ରଷ୍ଟ,
ଘଟଗାଁ, କେନ୍ଦୁଝର ।